## ସଂକ୍ଷେପରେ

### ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ରର ରୋଷେୟାଙ୍କ ସନ୍ଦେହଜନକ ମୃତ୍ୟୁ

ପାରଳାଖେମୁଣ୍ଡି,୧୬।୧୨ (ଗିରିଧାରୀ ପରିଛା): ଗଜପତି ଜିଲା ନୂଆଗଡ଼ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ରୋଷେୟା କେ. ଭଗବାନ ପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସରକାରୀ ବାସଭବନରେ ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ପାଇ ଖଜୁରିପଦା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସେରଙ୍ଗ ଥାନା ପୋଲିସ ୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତାଙ୍କ ଘର ବ୍ରହ୍ମପୁର ନିକଟ ଯୋଗିଆପଲ୍ଲୀ ହୋଇଥିବା ବେଳେ ସେ ଅବିବାହିତ ବୋଲି ଜଣାପଡିଛି। ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଆରୋଗ୍ୟ କେନ୍ଦ୍ରରେ ରୋଷେୟା ଭାବେ କାମ କରିଆସୁଥିଲେ। ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ସେ କାମରେ ଯୋଗ ଦେଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିଲା। କିନ୍ତୁ ଶନିବାର ସକାଳୁ ତାଙ୍କ ସରକାରୀ ବାସଭବନରେ ମୃତ ଅବସ୍ଥାରେ ଦେଖିଥିଲେ ମେଡିକାଲ କର୍ମଚାରୀ। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣାସ୍ଥଳରେ ଖାଦ୍ୟ ବାନ୍ତି ହୋଇପଡିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ଏହା ଏକ ସନ୍ଦେହଜନକ ମୃତ୍ୟୁ ବୋଲି ପୋଲିସ ସୂଚନା ଦେଇଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଖଜୁରୀପଦା ଫାଣ୍ଡି ଅଧିକାରୀ ଡି. ଗଜପତି ଦୋରା କହିଛନ୍ତି।

### ନୂଆ-ଓ କାର୍ଯ୍ୟକ୍ରମ

ସୋରଡା,୧୬।୧୨(ଲମ୍ବୋଦର ପାଣିଗ୍ରାହୀ): ସୋରଡ଼ାସ୍ଥିତ ପିସିଏମ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀମାନେ କଳା ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ମୁଖ୍ୟ ଅତିଥି ଭାବରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଆସିକା କୋଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ବସନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ଜିଲା ପରିଷଦର ସଭ୍ୟ ରାଜେଶ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ପଣ୍ଡା କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହେବ। ନୋଡାଲ ଅଧିକାରୀ ରୋହିତ କୁମାର ବିଷୋୟୀଙ୍କ ପରିଚାଳନା ରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

### ଜଳକୁଣ୍ଡ କାର୍ଯ୍ୟକ୍ରମ

ଫିରିଙ୍ଗିଆ,୧୬।୧୨(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ରତଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଟିବାରି ଗାଁରେ କୃଷି ଓ ମାଛଚାଷର ସୁବିଧା ପାଇଁ ଜଳକୁଣ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୧ଜଣ ଚାଷୀଙ୍କ ସହ ଆଖପାଖ ଗାଁର ଗ୍ରାମବାସୀ ମଧ୍ୟ ଜଳକୁଣ୍ଡ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରୋଗ୍ରାମ ମ୍ୟାନେଜର ମୁରଲୀମୋହନ ଜଳକୁଣ୍ଡ ବ୍ୟବହାର ଓ ତା'ର ଉପକାରିତା ବିଷୟରେ ଚାଷୀମାନଙ୍କୁ ବୁଝାଇଥିଲେ। ଜୀବିକା ବିଶେଷଜ୍ଞ ଉମାକାନ୍ତ ସାହୁ ଜଳକୁଣ୍ଡ ମାଧ୍ୟମରେ କିଭଳି ଜଳସେଚନ ସୁବିଧା ସହ ମାଛଚାଷ କରି ଚାଷୀମାନେ ସ୍ୱାବଲମ୍ବୀ ହୋଇପାରିବେ, ସେ ନେଇ ଚାଷୀମାନଙ୍କୁ ବୁଝାଇଥିଲେ।

# ଅପମାନ ଅସହ୍ୟରୁ ହତ୍ୟା

## ରାସ୍ତାକଡ଼ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ଘଟଣା

■ଯୁବକ ଗିରଫ ■ଛୁରି, ରକ୍ତଭିଜା ପୋଷାକ, ସ୍କୁଟି ଜବତ



ବ୍ରହ୍ମପୁର, ୧୬।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ୨ୟ ଗଳିରେ ଗତ ୫ ଦିନ ତଳେ ରଙ୍କ ସେଠୀ(୬୭) ନାମକ ଜଣେ ବୃଦ୍ଧଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ହତ୍ୟାକାରୀ ଛତ୍ରପୁର ଅଞ୍ଚଳରେ ଲୁଚି ରହିଥିବା ବେଳେ ତାଙ୍କୁ ଶନିବାର ଗିରଫ କରିଛି ପୋଲିସ। ସେ ହେଲେ ନିମଖଣ୍ଡି ବଡ଼ସାହି ଅଂଚଳର ହରିହର ସାହୁ (୨୮)। ରଙ୍କ ଚା'ଦୋକାନରେ ହରିହରଙ୍କୁ ଗାଳି ଗୁଲଜ କରୁଥିବାରୁ ସେ ଅପମାନ ସହ୍ୟ କରିନପାରି ତାଙ୍କୁ ହତ୍ୟା କରିଥିଲେ। ଶନିବାର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସପି ଡ଼. ସର୍ବଣା ବିବେକ ଏମ କହିଛନ୍ତି। ମୃତ ରଙ୍କଙ୍କ ସହ ଅଭିଯୁକ୍ତଙ୍କ ଏକ ଚାହା ଦୋକାନରେ କିଛିଦିନ ତଳେ ଏକାଧିକ ଥର ଦେଖା ହୋଇଥିଲା। ରଙ୍କ କୁଆଡ଼େ ତାଙ୍କୁ ସେଠାରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାରୁ ହରିହର ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ। ସେଥିପାଇଁ ରଙ୍କଙ୍କ ଗତିବିଧି ଉପରେ ନଜର ରଖୁଥିଲେ। ପ୍ରତିଦିନ ଭୋରରେ ରଙ୍କ ଫୁଲ ତୋଳିବା ପାଇଁ ବାହାରୁଥିବା ବେଳେ ସେହି ସମୟରେ ରାସ୍ତାଘାଟ ଶୂନଶାନ ରହୁଥିବାରୁ ତାଙ୍କୁ ହତ୍ୟା କରିବା ପାଇଁ ହରିହର ସ୍ଥିର କରିଥିଲେ। ଗତ ୧୧ ତାରିଖ ସୋମବାର ଭୋର୍ ପ୍ରାୟ ୪ଟା ବେଳେ ରଙ୍କ ଗାନ୍ଧୀନଗର ଦ୍ୱିତୀୟ ଗଳିରେ ପହଁଚିଥିଲେ। ଯୋଜନା ମୁତାବକ, ତା'ପୂର୍ବରୁ ସେହି ସାହି ମୁଣ୍ଡରେ ହରିହର ଏକ ସ୍କୁଟିରେ ପହଁଚି ସାରିଥିଲେ। ରଙ୍କଙ୍କୁ ଦେଖିବା ପରେ ତାଙ୍କ ସହ କଥାବାର୍ତ୍ତା ହେବା ବହାନା କରିଥିଲେ। କିଛିବାଟ ସାହି ଭିତରକୁ ଗଲାପରେ ଲୁଚାଇ ଆଣିଥିବା ଛୁରୀରେ ରଙ୍କଙ୍କ ଗଳା କାଟି ସ୍କୁଟି ଧରି ଫେରାର୍ ହୋଇଯାଇଥିଲେ। ପୋଲିସ ଜେରା ବେଳେ ଅଭିଯୁକ୍ତ ହରିହର ଏହା ସ୍ୱୀକାର କରିଥିବା ଏସପି କହିଛନ୍ତି। ଅଭିଯୁକ୍ତ ଲୁଚାଇ ରଖିଥିବା ଛୁରୀ ସହ ରକ୍ତଭିଜା ପୋଷାକ, ଓ ସ୍କୁଟି ଜବତ କରାଯାଇଛି। ନଂ.୫୧୭/୨୩ ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆବଶ୍ୟକ ହେଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଏସପି କହିଛନ୍ତି। ମୃତ ରଙ୍କ ସେଠୀଙ୍କ ଘର ବିଜିପୁର ଅମ୍ବିକାନଗରରେ। ସେ ପ୍ରତିଦିନ ଭଳି ସେହିଦିନ ଭୋର୍ ୩ଟା ୪୫ରେ ଫୁଲ ତୋଳିବା ସହ ପ୍ରାତଃଭ୍ରମଣ ପାଇଁ ଘରୁ ବାହାରି ଯାଇ ଆଉ ଫେରିନଥିଲେ। ସକାଳ ୮ଟାରେ ତାଙ୍କ ମୃତଦେହ ଘରଠାରୁ ପ୍ରାୟ ଦେଢ଼ କିମି ଦୂର ଗାନ୍ଧୀନଗର ୨ୟ ଗଳିରେ ସେ ପଡ଼ିଥିବା ଖବର ପାଇ ତାଙ୍କ ପରିବାରବର୍ଗ ସେଠାରେ ପହଁଚିଥିଲେ। ତାଙ୍କୁ କେହି ହତ୍ୟା କରିଥିବା ନେଇ ତାଙ୍କ ପୁଅ ରାମ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ଆଖପାଖର ସିସିଟିଭି ଫୁଟେଜ ଅଭିଯୁକ୍ତକୁ ଚିହ୍ନଟ କରିବାରେ ସହାୟକ ହୋଇଥିଲା ବୋଲି ପୋଲିସ କହିଛି।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୧୬।୧୨(ରାକେଶ କୁମାର ରାଉତ)

ଏକ ବଳାତ୍କାର ମାମଲାର ବିଚାର କରି ଶନିବାର ଫୁଲବାଣୀ ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅନୀତା ସାହୁ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୫ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୯ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଫୁଲବାଣୀ ସଦର ଥାନା ଅଞ୍ଚଳ କୁରୁନିପଡ଼ା(ବିଶିପଡ଼ା)ର ନାଗାର୍ଜ୍ଜୁନ ବିଶୋଇ(୨୭)। ମିଳିଥିବା ସୂଚନା ଅନୁସାରେ, ପିଡ଼ୀତା (୧୪) ୨୦୨୨ ମେ' ୧୯ ସକାଳ ସାଢ଼େ ୬ ଟାରେ ବିଦ୍ୟାଳୟ ଯାଉଥିଲେ। ଅଭିଯୁକ୍ତ ନାଗାର୍ଜୁନ ତାଙ୍କୁ ବିଦ୍ୟାଳୟରେ ଛାଡ଼ିଦେବି କହି ଫୁଲବାଣୀ ସହରକୁ ନେଇଆସି ଦିନସାରା ବିଭିନ୍ନ ସ୍ଥାନ ବୁଲାଇଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ହନୁମାନ ମନ୍ଦିର ପାହାଡ଼କୁ ଟାଣି ଟାଣି ନେଇ ବଳାତ୍କାର କରିଥିଲେ। ସକାଳ ସାଢ଼େ ୪ଟାରେ ପୀଡ଼ିତାଙ୍କୁ ଛାଡ଼ି, ଏ କଥା କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଖବର ପାଇ ପୀଡ଼ିତାଙ୍କ ମା' ଭୁବନେଶ୍ୱରରୁ ଆସି ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୭/୨୨ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାପତି ୧୩ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟକୁ ଆଧାରକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ୟୁରୋ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଛତ୍ରପୁର, ୧୬।୧୨(ଦିଲ୍ଲୀପ ସାମଲ):

ଛତ୍ରପୁରର ବଜରଙ୍ଗୀ ନଗର ସ୍ଥିତ ୟୁରୋ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦଘାଟିତ ହୋଇଛି । ସ୍ଥାନୀୟ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ ପ୍ରିନ୍ସିପାଲ ତପସ୍ୱିନୀ ସାହୁ ଉଦଘାଟନ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା ସହିତ ଶାରିରୀକ କ୍ରୀଡା କ୍ଷେତ୍ରରେ ପିଲାଙ୍କ ବିକାଶ କରିବା ଲକ୍ଷ୍ୟ ନେଇ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିବା ସ୍କୁଲର ମୁଖ୍ୟ ପୃଷ୍ଠ ପୋଷକ ସସ୍ମିତା ମହାପାତ୍ର କହିଛନ୍ତି। କ୍ରୀଡା ଶିକ୍ଷକ ସନ୍ତୋଷ ଗୌଡଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ମହିଳା ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୬।୧୨ (ଗିରିଧାରୀ ପରିଛା):



ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ନୂଆ-ଓ ତଥା ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଯାୟୀ ସାମାଜିକ କାର୍ଯ୍ୟକଳାପ ଟିମ ତରଫରୁ ଏକ ରକ୍ତ ବର୍ଗୀକରଣ କର୍ମଶାଳା ଅଧକ୍ଷା ଡ଼ ରୀନା ସାହୁଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଧିକାରୀ ଡ଼. ଭାରତୀ ପାଣିଗ୍ରାହୀ ରକ୍ତ ବର୍ଗୀକରଣର ଉପକାରିତା ତଥା ଏଥିପାଇଁ ଓଡିଶା ସରକାରଙ୍କର ସଚେତନତା କାର୍ଯ୍ୟକ୍ରମ କିଭଳି ଲୋକଙ୍କୁ ଉପକାର ପ୍ରଦାନ କରିପାରୁଛି ସେ ବିଷୟରେ ବର୍ଣ୍ଣନା କରିଥିଲେ। ବରିଷ୍ଠ ପାଥୋଲୋଜିଷ୍ଟ ଡ. ଜଗନ୍ନାଥ ପଣ୍ଡା ରକ୍ତର ବିଭିନ୍ନ ପ୍ରକାର ବର୍ଗୀକରଣ ଓ କେଉଁମାନେ ରକ୍ତଦାନ କରିବାକୁ ସକ୍ଷମ ସେ ସମ୍ପର୍କରେ ବୁଝାଇଥିଲେ। ସାମାଜିକ କାର୍ଯ୍ୟକଳାପର ମୁଖ୍ୟ ଅଧାପକ କୃଷ୍ଣଚନ୍ଦ୍ର ପଣ୍ଡିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୨୦ଜଣ ଛାତ୍ରୀଙ୍କ ରକ୍ତ ପରୀକ୍ଷା କରାଯିବା ସହ ଗ୍ରୁପ ନିର୍ଦ୍ଧାରିତ କରାଯାଇଥିଲା। ।

## ଗୁଡ଼ିଆଳି ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

କବିସୂର୍ଯ୍ୟନଗର, ୧୬।୧୨ (କୃପାସିନ୍ଧୁ ସ୍ୱାଇଁ): ଗୁଡ଼ିଆଳି ଛକଠାରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୧୩ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତିକୁ ଲୋକାର୍ପିତ କରିଛନ୍ତି ବିଧାୟିକା ଲତିକା ପ୍ରଧାନ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ଏସ. ଲକ୍ଷ୍ମୀ ସେଠି, ନିର୍ବାଚନମଣ୍ଡଳୀ ସଭାପତି ରସଲ ଦାସ, ଯୁବନେତା ରଞ୍ଜନ ପୋଲାଇ, ନଗର ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ନଗର ଯୁବ ବିଜେଡି ସଭାପତି ରାଜେନ୍ଦ୍ର ଖଟେଇ, ନଗର ବିଜେଡି ଉପସଭାପତି ରାକେଶ ପ୍ରଧାନ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ପୂର୍ବତନ ସମିତି ସଭ୍ୟଙ୍କ ପରଲୋକ

ଦିଗପହଣ୍ଡି, (ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସତ୍ୟ ନାରାୟଣ ରଥଙ୍କ ୫୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛିଦିନ ପୂର୍ବେ କର୍କଟ ରୋଗରୁ ସାମାନ୍ୟ ସୁସ୍ଥ ହୋଇ ମଧୁବନ ଗ୍ରାମ ସ୍ଥିତ ବାସଭବନକୁ ଫେରିଥିଲେ। ଶୁକ୍ରବାର ରାତିରେ ଅଚାନକ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ମହୋତ୍ସବ

ଖଲ୍ଲିକୋଟ,୧୬।୧୨(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ସ୍ନାତକ ମହାବିଦ୍ୟାଳୟଠାରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧୀନରେ କ୍ରୀଡା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦଇତାରୀ ବେହେରା ମୁଖ୍ୟ ଅତିଥି, ଉପାଧ୍ୟକ୍ଷା ଭାରତୀ ମହାରଣା ସମ୍ମାନୀତ ଅତିଥି, ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତର ସରପଞ୍ଚ ରୁବିଲତା ସାହୁ ଓ ସମିତିସଭ୍ୟ ରାଜୁ ତରେଇ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ମହାବିଦ୍ୟାଳୟର ଅଧାପିକା ଅଧାପକ ଓ ଅତିଥି ମାନଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ କଲେଜ ପରିସରରୁ ବାହାରି କ୍ରୀଡା ମଶାଲ ଧରି ଢୋଲ, ଖୋଳ, ଶଙ୍ଖ ସହିତ ଜୟ ଘୋଷର ସମ୍ମିଳିତ ତାନରେ କେଶପୁର ବଜାର ପରିକ୍ରମା କରି ଫେରିଥିଲେ। ଅଧାପିକା ସବିତା ପାଢ଼ୀ, ସଙ୍ଗୀତା ମିଶ୍ର, ଶୁଭସ୍ମିତା ଲେଙ୍କା, କୁମୁଦିନୀ ପ୍ରଧାନ, ସନ୍ତୋସି ପରିଡ଼ା, ବୈଶାଳୀ ପଣ୍ଡା, ନିବେଦିତା ବାରିକ, ଜସ୍ମିନ ନାୟକ, ଅଧାପକ ସନ୍ତୋଷ ପ୍ରଧାନ, ଉଲ୍ଲାସ ପାତ୍ର, ଘନଶ୍ୟାମ ମହାରଣା, ଗଗନ ଗଉଡ଼, ପ୍ରଭାତ ନାୟକ, ଦକ୍ଷିଣେଶ୍ୱର ଜେନା, ପ୍ରତୀକ ପ୍ରଧାନ, ସୁଧାକର ପଲେଇ, ସନ୍ତୋଷ ସାହୁ, ରାଜେନ୍ଦ୍ର ସାହୁ, ବିଭୂତି ଭୂଷଣ ତ୍ରିପାଠୀ, ବିଦ୍ୟାଧର ସ୍ୱାଇଁ , ଅଶୋକ ନାୟକ ଓ ଉଷାରାଣୀ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ବିଷ୍ଣୁ ପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲାଞ୍ଚ ମାମଲା, ପୂର୍ବତନ କନିଷ୍ଠ କିରାଣିଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ,୧୬।୧୨(ରାକେଶ କୁମାର ରାଉତ)

ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ଶନିବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଜନ(ଆର୍‌ଡି) କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ କିରାଣି ଅମୂଲ୍ୟ କୁମାର ସାହୁ। ତାଙ୍କ ଘର ସ୍ଥାନୀୟ କେନ୍ଦୁପଦର ସାହରରେ। ସେ ୨୦୨୨ ଜୁଲାଇ ୩୧ରେ ଅବସର ନେଇସାରିଛନ୍ତି।

ସୂଚନା ଅନୁସାରେ, ଆର୍‌ଡି କାର୍ଯ୍ୟାଳୟର ରୋଲର ଡ୍ରାଇଭର ଶଙ୍କର୍ଷଣ ଶତପଥୀ ଅବସର ପରେ ବକେୟା ଟଙ୍କା ପାଇବା ପାଇଁ ଅମୂଲ୍ୟଙ୍କ ପାଖକୁ ବାରମ୍ବାର ଯାଉଥିଲେ। ହେଲେ ୫ ହଜାର ଟଙ୍କା ଦେଲେ ଏହା ହେବ କହି ଅମୂଲ୍ୟ ତାଙ୍କୁ ଫେରାଇ ଦେଉଥିଲେ। ଶେଷରେ ଅତିଷ୍ଠ ହୋଇ ଶତପଥୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଶତପଥୀ ଟଙ୍କା ନେଇ ଅମୂଲ୍ୟଙ୍କୁ ଦେଇଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ବିଭାଗ କର୍ମଚାରୀ ତାଙ୍କୁ ଗିରଫ କରିବା ସହ ଟଙ୍କା ଜବତ କରିଥିଲେ। ଏ ନେଇ ଭିଜିଲାନ୍ସରେ ନଂ.୪/୨୦ରେ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

## ବାଘୁଆ ଜଳସେଚନ ଅଧିକାରୀଙ୍କ ପରିଦର୍ଶନ

ପୋଲସରା,୧୬।୧୨(ସୁବ୍ରତ ବେହେରା):

ବାଘୁଆ ଜଳସେଚନ ବିଭାଗ ଅଧୀନରେ ଥିବା ପୋଲସରା ଖଜୁରୀ ବନ୍ଧର ପୁନଃରୁଦ୍ଧାର, ୨୬ କ୍ଷୁଦ୍ର ଜଳସେଚନ ବିଭାଗ ଗଞ୍ଜାମ - (୨) ଅଧିନରେ ଥିବା ଜେ.ପି ଖମାନାଳର ପୁନଃରୁଦ୍ଧାର କାର୍ଯ୍ୟ ଓ ରୁମାଗଡ, ମନ୍ଦାର, ହାତୀଓଟ, କଣଛାଇ ଗ୍ରାମ ପଞ୍ଚାୟତରେ ଥିବା ସମସ୍ତ ଜଳଭଣ୍ଡାର ଗୁଡିକର ମରାମତି ଓ ପୁନଃରୁଦ୍ଧାର, କାଶିନାଥପୁର ଏମ୍‌ଆଇପି ହରିଜନଆଗୁଳ ଏମ୍‌ଆଇପି (ବନ୍ଧପଲ୍ଲୀ) ଜଳଭଣ୍ଡାରଗୁଡିକର ମରାମତି ଓ ପୁନଃରୁଦ୍ଧାର, ମଥୁରା ସାନସାଗର ନାଳ ୱାଲିଙ୍ଗ କରିବା ଓ ଡାବୁରିଆ ନାଳରେ ନିର୍ମିତ ପାଞ୍ଚଟି ଚେକ୍ ଡ୍ୟାମର ଆବଶ୍ୟକୀୟ ନିର୍ମାଣ ସହିତ ଡାବୁରିଆ ନାଳ ଓ ତେନ୍ତୁଳିଆ ନାଳ ରୁଖାକଣା ପର୍ଯ୍ୟନ୍ତ ନାଳକୁ ସଫା କରାଇବା, ନାଳ ଉପରେ ବିଭିନ୍ନ ସ୍ଥାନରେ କଲଭର୍ଟ, ସାଇଡ୍ ୱାଲ୍ ଓ ଉଭୟ ପାର୍ଶ୍ୱ ମାଟି ବ୍ୟାକ ନିର୍ମାଣ କରିବା ନେଇ ଦାବି କରିଛି ଋଷିକୂଲ୍ୟା ରୟତ ମହାସଭା। ବାଘୁଆ ଜଳ ସଚନ ବିଭାଗର ସହକାରୀ ନିର୍ବହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ, ସହକାରୀ ଯନ୍ତ୍ରୀ ବୈଜୟନ୍ତ ସାହୁ, ଅଧିକ୍ଷଣ ଯନ୍ତ୍ରୀ ଓ ଅଧିକାରୀମାନେ ପହଞ୍ଚି ପୋଲସରା ଖଜୁରୀ ବନ୍ଧର ପୁନରୁଦ୍ଧାର ସହିତ ବାଘୁଆ ଜଳ ସେଚନ ବାମ କେନାଲ ଓ ହାତୀଓଟ ମାଇନର ପରିଦର୍ଶନ କରିଥିଲେ।

## ଘୁମୁସର ଜିଲା ଦାବିରେ ଗଣଧାରଣା

ଭଞ୍ଜନଗର, ୧୬।୧୨(ବାବୁଲା ପ୍ରଧାନ)

ଘୁମୁସର ଜିଲା ଦାବୀରେ ବିଭିନ୍ନ ସଂଗଠନ ପକ୍ଷରୁ ଶନିବାର ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଉକ୍ତ ଆନ୍ଦୋଳନକୁ ଅଧିକାଂଶ ରାଜନୈତିକ ଦଳର ନେତାମାନେ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ଦାବି ପୂରଣ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ଆନ୍ଦୋଳନର ନେତୃତ୍ୱ ନେଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଅପରପକ୍ଷେ ଉକ୍ତ ଆନ୍ଦୋଳନକୁ ଆଗକୁ ନେବା ପାଇଁ ଭଞ୍ଜନଗର ବାର ଆସୋସିଏସନ, ରେଡକ୍ରସ ରୋଡ ସମେତ



ଗଣଧାରଣା ଦିଆଯାଇଛି।

ବିଭିନ୍ନ ସଂଗଠନ ପକ୍ଷରୁ ଆଲୋଚନା ହୋଇଥିବା ଜଣାପଡିଛି। ଘୁମୁସର ଜିଲା ଆନ୍ଦୋଳନ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ସୋମନାଥ ନାୟକ, ପ୍ରଶାନ୍ତ ବିଶୋଇ, ପ୍ରକାଶ ସାହୁ, ରମେଶ ବେହେରା, ସମୀର ନାୟକ, ଅଭିମନ୍ୟୁ ଗୌଡ, ଲକ୍ଷ୍ମୀକାନ୍ତ ମହାପାତ୍ର, ରମେଶ ପଣ୍ଡା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋଦଲା,୧୬।୧୨(ଅମିତ୍ କୁମାର ପଟ୍ଟନାୟକ):ବେଗୁନିଆପଡ଼ା ବ୍ଲକ ବାଇଦିପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ କାଳିମେଘି-ଜାଗିଲିପଦର କ୍ଲଷ୍ଟର ପକ୍ଷରୁ କେ.ଜେ. ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଲମ୍ବୋଦର ଶତପଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କ୍ଲଷ୍ଟର ସିଆର୍‌ସିସି ଅଜିତ୍ କୁମାର ମିଶ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଲମ୍ବୋଦର ଶତପଥୀଙ୍କ କାର୍ଯ୍ୟକାଳକୁ ବିବେଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର, ଜପଟା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜ କୁମାର ସେଠୀ, ମାରୁଡିପଲ୍ଲୀ ପ୍ରଧାନ ଶିକ୍ଷକ ଦେବରାଜ ସେଠୀ, ବାଇଦିପଡ଼ା ପ୍ରଧାନ ଶିକ୍ଷକ ଅନିଲ କୁମାର ବେହେରା, ଖଲାଡ଼ି ପ୍ରଧାନ ଶିକ୍ଷକ ଗୌଡ଼ ବେହେରା, ଜପଟା କଲୋନି ପ୍ରଧାନ ଶିକ୍ଷକ ବିନାୟକ ବେହେରା, ଜାଗିଲିପଦର ପ୍ରଧାନ ଶିକ୍ଷକ ବାପୁଜୀ ପାତ୍ର, ଲୁହାକୋଟ ପ୍ରଧାନ ଶିକ୍ଷକ ରଘୁନାଥ ମୁଦୁଲି, କାଳିମେଘି ନୋଡାଲ ପ୍ରଧାନ ଶିକ୍ଷକ ନିରଞ୍ଜନ ଭୂୟାଁ, ଜୋକଲେଣ୍ଡି ପ୍ରଧାନ ଶିକ୍ଷକ ଦୟାନିଧି ସାହୁ, ଶିକ୍ଷକ ନିବାସୀ ପରିଡ଼ା ଉପସ୍ଥିତ ଥିଲେ।

## ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ପ୍ରସ୍ତୁତି ଜୋରଦାର

ଦାରିଙ୍ଗବାଡ଼ି,୧୬।୧୨(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶୀତ ଦିନକୁଦିନ ବୃଦ୍ଧି ପାଉଥିବା ବେଳେ ୨୦୨୪ ଶୀତ ମହୋତ୍ସବ ପାଳନ ପାଇଁ ଶନିବାର ଦ୍ୱିତୀୟଥର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୀତ ମହୋତ୍ସବ ପାଳନ କମିଟିର ଅଧ୍ୟକ୍ଷ ତଥା ବିଧାନସଭାର ଉପବାଚସ୍ପତି ସାଲୁଗା ପ୍ରଧାନଙ୍କ ଅଧ୍ୟକ୍ଷତା ଏବଂ କମିଟିର ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ରଙ୍କ ସଭାପରିଚାଳନା ବୈଠକରେ ତହସିଲଦାର ଶରତ ଶବର, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ର, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତବର୍ଷ ଏହି ଉତ୍ସବ ସହ ଆଦିବାସୀ ମହୋତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।



ପ୍ରସ୍ତୁତି ବୈଠକରେ ଅତିଥି।

ଆସନ୍ତା ଜାନୁୟାରୀ ୯ରୁ ୧୩ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ ହେବାକୁ ରହିଥିବା ବେଳେ ପ୍ରଥମ ଦୁଇ ଦିନ ଆଦିବାସୀ ମହୋତ୍ସବ ପାଳନ ସହ ଶୀତ ଉତ୍ସବ ୩ ଦିନ ପାଳନ କରାଯିବ। ଇତିମଧ୍ୟରେ ଜନଜାତିଙ୍କ ଭାଷା, କଳା, ସାହିତ୍ୟକୁ ଗୁରୁତ୍ୱ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମସ୍ତ ଆଲୋଚନା ହୋଇଥିବା ନିଷ୍ପତ୍ତିକୁ କନ୍ଧମାଳ ଜିଲାପାଳଙ୍କ ନିକଟକୁ ଯାଇ ଜଣାଇବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ହୋଟେଲ ସଙ୍ଘର ସଭାପତି ଗିରୀଶ ଚନ୍ଦ୍ର ସାହୁ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ବିଭିନ୍ନ ବ୍ୟାଙ୍କର ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ ସାହୁ, ଶିକ୍ଷକ ବିଦେଶୀ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ମହିଳା ସଶକ୍ତୀକରଣ ଆଲୋଚନାଚକ୍ର

ଚିକିଟି,୧୬।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ବାଲାଜୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ରାଜ୍ୟସ୍ତରୀୟ ମହିଳା ସଶକ୍ତୀକରଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତଥା ପ୍ରଫେସର ଡା. ପ୍ରବୀଣ କୁମାର ତ୍ରିପାଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରେଭେନ୍ସା ୟୁନିଭର୍ସିଟି ପ୍ରଫେସର ଡା. ସୁଦର୍ଶନ ମିଶ୍ର, ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଆଞ୍ଚଳିକ ନିର୍ଦ୍ଦେଶକ ଡା. ସିଦ୍ଧାନ୍ତ ଶଙ୍କର ପାଢ଼ୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଶଙ୍କର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷା ବିଭାଗ ଅଧାପକ ଡ. ରାଜେଶ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଇଂଲିଶ ଅଧାପକ ଡାନିଏଲ ମାରଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ପିଙ୍କୁ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ପରିଚାଳନା କରିଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

